# NATIONAL NEWS BULLETIN (ODIA)

## 12 January - 2026

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୁବ ନେତୃତ୍ୱଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଭାବବିନିମୟ ।

- ଭାରତ ଓ ଜର୍ମାନୀ ବିଶ୍ୱରେ ଶାନ୍ତି ଓ ସ୍ଥିରତା ସ୍ଥାପନ କରିବା ଦିଗରେ ପ୍ରତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ ।

– ଉଭୟ ଦେଶ ମଧ୍ୟରେ ଆଜି ସ୍ୱାକ୍ଷରିତ ହେଲା ୧୯ଟି ବୁଝାମଣାପତ୍ର ।

- ଆଗାମୀ ଆର୍ଥିକ ବର୍ଷ ଲାଗି କେନ୍ଦ୍ରୀୟ ବେଜଟ୍ ଫେବୃୟାରୀ ୧ ତାରିଖ ରବିବାର ଦିନ ଲୋକସଭାରେ କରାଯିବ ଉପସ୍ଥାପନ ।

ଏବଂ

- ଦେଶରେ ଚଳିତ ମାସ ୯ ତାରିଖ ସୁଦ୍ଧା ୬୪୪ ଲକ୍ଷ ହେକ୍ଟରରୁ ଅଧିକ ଜମିରେ କରାଯାଇଛି ରବିଚାଷ ।

# ପିଏମ୍‌-ଭିବିଓ୍ୱାଇଏଲ୍‌ଡି ୨୦୨୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଚାଲିଥିବା ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଆଜି ସନ୍ଧ୍ୟାରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଯୁବ ନେତୃତ୍ୱଙ୍କର ଚିନ୍ତାଧାରା ଏବଂ ନବସୃଜନତା ସମ୍ପର୍କରେ ଅବଗତ ହେବା ଲାଗି ପ୍ରଧାନମନ୍ତ୍ରୀ ସେମାନଙ୍କ ସହିତ ମତ ବିନିମୟ କରିଛନ୍ତି ।

ଏହାଛଡ଼ା ଶ୍ରୀ ମୋଦୀ ସେଠାରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମଧ୍ୟ ବୁଲି ଦେଖିଛନ୍ତି । ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଦେଶର ଯୁବବର୍ଗ ଏବଂ ଜାତୀୟ ନେତୃତ୍ୱ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଭାବ ଆଦାନପ୍ରଦାନ କରିବାର ଏକ ମଞ୍ଚ ଭାବେ ଉଭା ହୋଇଛି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ୧ ଲକ୍ଷ ଯୁବବର୍ଗଙ୍କୁ ରାଜନୀତି ସମ୍ପର୍କରେ ଅବଗତ କରାଇବା ଦିଗରେ ଏକ ଜାତୀୟ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କର ଗତ ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲାରେ ଦେଇଥିବା ବାର୍ତ୍ତାର ଅଂଶସ୍ୱରୂପ ଏହି କଥାବାର୍ତ୍ତା ଆୟୋଜନ କରାଯାଇଛି ।

# ଇଣ୍ଡିଆ-ଜର୍ମାନ

ଭାରତ ଓ ଜର୍ମାନ୍ ମଧ୍ୟରେ ପ୍ରତିରକ୍ଷା, ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଆଜି ଗୁଜରାଟର ଗାନ୍ଧିନଗରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନ୍ ଚାନ୍‌ସେଲର ଫେଡ୍ରିଚ୍ ମର୍ଜଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ଦ୍ୱିପକ୍ଷିୟ ବୈଠକରୁ ଏହି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ଜର୍ମାନ୍ କେବଳ ଅର୍ଥନୈତିକ ଭାଗିଦାରୀ ନୁହନ୍ତି ବରଂ ବିଶ୍ୱରେ ଶାନ୍ତି ଓ ସ୍ଥିରତା ସ୍ଥାପନ କରିବା ଦିଗରେ ପ୍ରତିବଦ୍ଧ ।

ଦୁଇ ଦେଶର ସମ୍ପର୍କର ଦୃଢ଼ତା ଉପରେ ଆଲୋକପାତ କରି ସେ କହିଛନ୍ତି, ଦ୍ୱିପାକ୍ଷିୟ ବାଣିଜ୍ୟ କାରବାର ୫୦ ବିଲିୟନ୍ ଡଲାର୍ ଅତିକ୍ରମ କରିସାରିଛି । ଭାରତ-ଜର୍ମାନ ଭାଗିଦାରୀ ଆଗାମୀ ଦିନରେ ସବୁଜ ଶକ୍ତି, ଆଧୁନିକ ବୈଷୟିକ ଜ୍ଞାନକୌଶଳ ଭଳି କ୍ଷେତ୍ର ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ବିଶ୍ୱସ୍ତରରେ ସନ୍ତ୍ରାସବାଦ ମାନବବାଦ ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି । ସନ୍ତ୍ରାସବାଦକୁ ପ୍ରତିହତ କରିବା ଦିଗରେ ଭାରତ-ଜର୍ମାନ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**VO-1--PM-MODI-ON-TERRORISM**

ଚାନ୍ସେଲର ମର୍ଜ ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଯୁଗ୍ମ ସାମରିକ ଅଭ୍ୟାସକୁ ବୃଦ୍ଧି କରିବା ସହିତ ସାମରିକ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏତଦ୍ ବ୍ୟତୀତ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମାକୁ ଚୂଡ଼ାନ୍ତ କରିବା ଦିଗରେ ଉଭୟ ନେତା ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ।

ଏହି ଆଲୋଚନା ସମୟରେ ଦକ୍ଷତା ବିକାଶ, ନବସୃଜନତା, କୃତ୍ରିମ ବୁଦ୍ଧିମତା ଓ ସବୁଜ ଆମୋନିଆ ଉତ୍ପାଦନ ଆଦି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ଭାରତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି,

**VO-1--2-PM-MODI-ON-GREEN-HYDROGEN**

# ଏମ୍‌ଓୟୁ-ଇଣ୍ଡିଆ-ଜର୍ମାନୀ

ଭାରତ-ଜର୍ମାନୀ ମଧ୍ୟରେ ଆଜି ୧୯ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି । ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମିଶ୍ରି କହିଛନ୍ତି, ଏହି ଚୁକ୍ତିନାମାଗୁଡ଼ିକ ସମେତ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଓ ନିବେଶ

ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଲାଗି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଫୋରମ୍ ପ୍ରତିଷ୍ଠା କରିବା ଲାଗି ମଧ୍ୟ ନିଷ୍ପତ୍ତି ନିଆଯାଇଛି ।

ଭାରତ-ଜର୍ମାନ୍ ମଧ୍ୟରେ ଅକ୍ଷୟ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ ଜଳବାୟୁ ପ୍ରତିରୋଧ ସହରାଞ୍ଚଳ ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ସବୁଜ ଓ ନିରନ୍ତର ବିକଶିତ ଭାଗିଦାରୀ ଲାଗି ଜର୍ମାନ ୧ ଦଶମିକ୍ ୨/୪ ବିଲିୟନ୍ ୟୁରୋ ଯୋଗାଇଦେବ ବୋଲି ଘୋଷଣା କରିଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ବଜେଟ୍ ସେସନ୍

୨୦୨୬-୨୭ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ୍ ଆସନ୍ତା ମାସ ୧ ତାରିଖ ରବିବାର ଦିନ ଲୋକସଭାରେ ଉପସ୍ଥାପନ କରାଯିବ ଏବଂ ପୂର୍ବାହ୍ଣ ୧୧ଟାରେ ବଜେଟ୍ ଉପସ୍ଥାପନ ପ୍ରକ୍ରିୟା ନିମ୍ନ ସଦନରେ ଆରମ୍ଭ ହେବ । ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଏହା କହିଛନ୍ତି ।

ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଆଗାମୀ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ବୈଠକ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ଫେବୃୟାର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ୍ ୨ ତାରିଖରେ ସମ୍ପନ୍ନ ହେବ । ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ତଥା ବିତର୍କ କରିବା ଦିଗରେ ଏହି

ଅଧିବେଶନ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ରବି କର୍ପସ୍

ଦେଶରେ ଚଳିତ ମାସ ୯ ତାରିଖ ସୁଦ୍ଧା ୬୪୪ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ରବିଚାଷ କରାଯାଇଛି । ଗତବର୍ଷର ଏହି ସମୟ ତୁଳନାରେ ଚଳିତ ବର୍ଷ ୧୭ ଲକ୍ଷ ହେକ୍ଟର ଅଧିକ ରବି ଚାଷ କରାଯାଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୩୩୪ ଲକ୍ଷ ହେକ୍ଟରରେ ଗହମ ଚାଷ ହୋଇଥିବା ବେଳେ ୨୧ ଲକ୍ଷରୁ ଅଧିକ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ସେହିଭଳି ୧୩୬ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଡାଲିଜାତୀୟ ଫସଲ ଲଗାଯାଇଛି । ଯାହାକି ଗତବର୍ଷ ଏହି ସମୟ ତୁଳନାରେ ୩ ଲକ୍ଷ ହେକ୍ଟର ଅଧିକ ବୋଲି ମନ୍ତ୍ରଣାଳୟ କହିଛି । ଏତଦ୍‌ବ୍ୟତୀତ ତୈଳବିଜ ଫସଲ ୯୬ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଏବଂ ଶ୍ରୀଅନ୍ନ ୫୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚାଷ କରାଯାଇଥିବା ଜଣାଯାଇଛି ।

## ପିଏମ୍-ପ୍ରଗତି-ସ୍ପେଶାଲ୍ ଷ୍ଟୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ୨୦୧୫ରେ ଆରମ୍ଭ ହୋଇଥିବା

ପ୍ରଗତି ପ୍ଲାଟ୍‌ଫର୍ମ ଇତିମଧ୍ୟରେ ୫୦ତମ ବୈଠକ ଶେଷ କରିଛି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ପ୍ରଗତି ମଞ୍ଚରେ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ବିହାରର ସାଢ଼େ ୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପାଟନା-ଗଙ୍ଗା ରେଳ ତଥା ସଡ଼କ ବ୍ରିଜ୍ ସମ୍ପର୍କରେ ।

ଜେ.ପି. ସେତୁ ନାମରେ ପରିଚିତ ଏହି ବ୍ରିଜ୍‌ଟି ପାଟନାରେ ଗଙ୍ଗା ନଦୀ ଉପରେ ଅବସ୍ଥିତ । ଗୋଟିଏ ବ୍ରିଜ୍ ମାଧ୍ୟମରେ ବିହାରରେ ଉତ୍ତର-ପୂର୍ବାଞ୍ଚଳ ମଧ୍ୟରେ ଉଭୟ ରେଳ ଓ ସଡ଼କ ପଥରେ ସଂଯୋଗୀକରଣ ସମ୍ଭବ ହୋଇପାରିଛି । ୨୦୦୧ ନଭେମ୍ବର ମାସରେ ଏହି ପ୍ରକଳ୍ପ ଲାଗି ୩ ହଜାର ୭୭୪ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ତେବେ ବିଭିନ୍ନ ସମସ୍ୟା ଲାଗି ପ୍ରକଳ୍ପଟି ବିଳମ୍ବିତ ହେବା ସହ ଏହାର ବ୍ୟୟ ପରିମାଣ ମଧ୍ୟ ୫ ଗୁଣା ବୃଦ୍ଧି ପାଇଥିଲା । ୨୦୧୫ ମାର୍ଚ୍ଚ ୨୫ ତାରିଖରେ ଅନୁଷ୍ଠିତ ପ୍ରଗତି ବୈଠକରେ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପର ସମୀକ୍ଷା କରିବା ସହିତ ସମ୍ପୃକ୍ତ ଜମିକୁ ରେଳବାଇକୁ ହସ୍ତାନ୍ତର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଆବଶ୍ୟକୀୟ ସହାୟତା ରାଶି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ମଧ୍ୟ ମନ୍ତ୍ରଣାଳୟକୁ କହିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଏହି ପ୍ରକଳ୍ପ କାର୍ଯ୍ୟ ୨୦୨୨ ମାର୍ଚ୍ଚ ୪ ତାରିଖରେ ସମ୍ପନ୍ନ ହୋଇଥିଲା ।

## ଇଣ୍ଡିଆ-ଚିଲି

ଭାରତ ଓ ଚିଲି ମଧ୍ୟରେ ହେବାକୁ ଥିବା ଦ୍ୱିପକ୍ଷିୟ ସମନ୍ୱିତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏଥିଲାଗି ଦୁଇଦେଶ ମଧ୍ୟରେ ୪ ପର୍ଯ୍ୟାୟ କଥାବାର୍ତ୍ତା ଶେଷ ହୋଇସାରିଛି । ଏ ସମ୍ପର୍କରେ ସୂଚନା ଦେଇ ଭାରତରେ ଅବସ୍ଥାପିତ ଚିଲିର ରାଷ୍ଟ୍ରଦୂତ ଜୁଆନ୍ ଆଙ୍ଗୁଲୋ କହିଛନ୍ତି, ଏହି ଚୁକ୍ତିନାମା ଦ୍ୱିପକ୍ଷିୟ ବାଣିଜ୍ୟ ଓ ପୁଞ୍ଜିନିବେଶ ସମେତ ସେବା କ୍ଷେତ୍ରକୁ ଅଧିକ ପ୍ରୋତ୍ସାହିତ କରିବ । ଦୁଇ ଦେଶର ଅଧିକରୁ ଅଧିକ କମ୍ପାନୀ ଓ ଶିଳ୍ପାନୁଷ୍ଠାନ ଉଭୟ ଦେଶରେ ନିବେଶ କରି ନିଜର କାର୍ଯ୍ୟ କରିପାରିବେ । ଶେଷ ପର୍ଯ୍ୟାୟ କଥାବାର୍ତ୍ତାରେ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ଲାଗି ଚିଲି ଆଗ୍ରହୀ ବୋଲି ଶ୍ରୀ ଆଙ୍ଗୁଲୋ କହିଛନ୍ତି । ଗତବର୍ଷ ଏପ୍ରିଲ୍ ମାସରେ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚିଲି ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍‌ଙ୍କ ମଧ୍ୟରେ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ଏହି ରାଜିନାମା ସ୍ୱାକ୍ଷରିତ ହେବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା ।

## ଭୂପେନ୍ଦ୍ର-କୋପ୍ରେଟିଭ୍

ଭାରତରେ ପ୍ରାଥମିକ କୃଷି ଋଣ ସମିତିଗୁଡ଼ିକ ମାଧ୍ୟମରେ ସୃଷ୍ଟ ଅର୍ଥ ବ୍ୟବସ୍ଥା ବିଶ୍ୱର ଯେକୌଣସି ଆର୍ଥିକ ଜଟିଳତାରୁ ଦେଶକୁ ସୁରକ୍ଷା ଦେବାରେ ସମର୍ଥ ହୋଇଛି । ଆଜି ଭାରତର ଚାଟାର୍ଡ୍ ଆକାଉଣ୍ଟାଣ୍ଟ୍

ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ସମବାୟ ଚିନ୍ତନ ଶିବିରରେ ଉଦ୍‌ବୋଧନ ଦେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏହା କହିଛନ୍ତି । ଶ୍ରୀ ଯାଦବ କହିଛନ୍ତି, ସମବାୟ ସମିତି ଗୁଡ଼ିକ କେବଳ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେଉନାହାନ୍ତି ବରଂ ଦେଶର ଗଣତାନ୍ତ୍ରିକ ପଦ୍ଧତିକୁ ଅଧିକ ସଶକ୍ତ କରିବାରେ ସହାୟକ ହୋଇଛନ୍ତି । ଏତଦ୍‌ବ୍ୟତୀତ ସାମାଜିକ ସଶକ୍ତିକରଣ ଏବଂ ସମାବେଶୀ ବିକାଶରେ ସମବାୟ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ଶ୍ରୀ ଯାଦବ କହିଛନ୍ତି । ଏହି କ୍ଷେତ୍ରର ସମ୍ପ୍ରସାରଣ ମାଧ୍ୟମରେ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହିତ କରାଯିବା ସହିତ ରୋଜଗାର ସ୍ଥିତି ଅଧିକ ବୃଦ୍ଧି ପାଇବ ଏବଂ ଦେଶର ଅର୍ଥନୀତି ମଧ୍ୟ ତଦନୁଯାୟୀ ସଶକ୍ତ ହୋଇପାରିବ ବୋଲି ଶ୍ରୀ ଯାଦବ କହିଛନ୍ତି ।